# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୫୩ (ଓଡ଼ିଆ ବୁଲେଟିନ)    ସପ୍ତାହ – ୨୭    ତାରିଖ: ୦୩.୦୭.୨୦୨୬

## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

**ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୨୭.୦୬.୨୦୨୬ ରୁ ୦୩.୦୭.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ**

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ୨୭ | ୨୮ | ୨୯ | ୩୦ | ୦୧ | ୦୨ | ୦୩ | ୨୭ | ୨୮ | ୨୯ | ୩୦ | ୦୧ | ୦୨ | ୦୩ | ୨୭ | ୨୮ | ୨୯ | ୩୦ | ୦୧ | ୦୨ | ୦୩ |
| 36 | 35 | 36 | 38 | 35 | 31 | 30 | 25 | 25 | 25 | 24 | 23 | 21 | 20 | 2 | 1 | 0 | 3 | 24 | 51 | 73 |

## ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୪-୦୭-୨୦୨୬ | ୦୫-୦୭-୨୦୨୬ | ୦୬-୦୭-୨୦୨୬ | ୦୭-୦୭-୨୦୨୬ | ୦୮-୦୭-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 60 | 30 | 20 | 15 | 15 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 31 | 30 | 31 | 31 | 31 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 23 | 23 | 22 | 22 | 22 |
| ମେଘ ଆବରଣ(ଓକଟା) | 8 | 8 | 8 | 8 | 8 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 90 | 89 | 90 | 90 | 87 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 65 | 64 | 65 | 74 | 71 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 13 | 13 | 13 | 17 | 17 |
| ପବନର ଦିଗ (ଡିଗ୍ରୀ) | 250 | 256 | 250 | 255 | 260 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ସପ୍ତାହରେ ମଧ୍ୟମ ଧରଣର ବର୍ଷା ତଥା ଗୋଟେ କିମ୍ବା ଦୁଇଟା ସ୍ଥାନରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ହେବା ସହିତ ଆକାଶ ସମ୍ପୂର୍ଣ ମେଘାଚ୍ଛନ୍ନ ରହିବାର ସମ୍ଭାବନା ଅଛି । ଆଗାମୀ ସପ୍ତାହରେ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ ନାହିଁ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତାର ସ୍ଥିତି ଅଧିକ ରହିବା ସହିତ ୧୩ ରୁ ୧୭ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

**ଆଗାମୀ ଦୁଇ ସପ୍ତାହ ପାଇଁ (୩ ରୁ ୧୬ ଜୁଲାଇ,୨୦୨୬) ବିସ୍ତାରିତ ପାଣିପାଗ ପୂର୍ବାନୁମାନ:-**

**ସପ୍ତାହ-୧ (୩ ରୁ ୯ ଜୁଲାଇ,୨୦୨୬):-** ପ୍ରଥମ ସପ୍ତାହ ମଧ୍ୟରେ ଓଡ଼ିଶାରେ ଅନେକ (ପ୍ରାୟ ବିସ୍ତୃତ) ସ୍ଥାନରୁ ଅଧିକାଂଶ (ବିସ୍ତୃତ) ସ୍ଥାନରେ ହାଲୁକା ରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଛି, କିଛିଟା ସ୍ଥାନରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଅଛି । ଏହି ସପ୍ତାହ ମଧ୍ୟରେ ଓଡ଼ିଶାରେ ବର୍ଷା କାର୍ଯ୍ୟକଳାପ ଅଧିକ ରୁ ଆହୁରି ଅଧିକ ରହିବାର ସମ୍ଭାବନା ଅଛି ।

**ସପ୍ତାହ-୨ (୧୦ ରୁ ୧୬ ଜୁଲାଇ,୨୦୨୬):-** ଦ୍ୱିତୀୟ ସପ୍ତାହ ମଧ୍ୟରେ ଓଡ଼ିଶାରେ କିଛି ସ୍ଥାନରେ ହାଲୁକା ରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଅଛି । ସାମଗ୍ରିକ ଭାବରେ, ଓଡ଼ିଶାର କିଛି ସ୍ଥାନରେ ବର୍ଷା କାର୍ଯ୍ୟକଳାପ ସ୍ୱାଭାବିକ ରହିବାର ସହିତ ଅନେକ ସ୍ଥାନରେ ବର୍ଷାର ପରିମାଣ ହ୍ରାସ ପାଇବାର ସମ୍ଭାବନା ଅଛି ।

## ସାଧାରଣ ଉପଦେଶ

- ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ଜିଲ୍ଲା ସ୍ତରୀୟ ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ପ୍ରଚଳିତ ଭାରି ବର୍ଷାର ସ୍ଥିତି ଆଗକୁ ଆହୁରି କିଛି ଦିନ ଲାଗି ରହିବାର ସମ୍ଭାବନା ରହିଅଛି, ତେଣୁ ଚାଷୀମାନଙ୍କୁ କୃଷି କାର୍ଯ୍ୟ ଯେପରିକି ବୁଣା, ରୋପଣ, ଜଳସେଚନ, ସିଞ୍ଚନ ଇତ୍ୟାଦି କାର୍ଯ୍ୟ କରିବା ପାଇଁ କିଛି ଦିନ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଅଛି ।

- ଉଦ୍ୟାନ ଫସଲ ଏବଂ ପନିପରିବାଗୁଡ଼ିକୁ ଅଧିକ ପ୍ରବଳ ବର୍ଷା ଏବଂ ପ୍ରବଳ ପବନରୁ ରକ୍ଷା କରିବା ପାଇଁ ସେମାନଙ୍କୁ ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ ।
- କ୍ଷେତରୁ ଅତିରିକ୍ତ ବର୍ଷା ପାଣି ନିଷ୍କାସନ କରିବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ସୁବିଧା ସୁନିଶ୍ଚିତ କରନ୍ତୁ ଓ ନିଷ୍କାସିତ ପାଣିକୁ ଆଗକୁ କୃଷି କାର୍ଯ୍ୟରେ ବ୍ୟବହାର କରିବା ହେତୁ ସଂଚୟ କରି ରଖିବାର ମଧ୍ୟ ଉଚିତ ବ୍ୟବସ୍ଥା କରନ୍ତୁ ।
- ପଶୁମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ ଏବଂ ସତର୍କତା ଅବଧି ସମୟରେ ଖୋଲା ସ୍ଥାନରେ ଚରିବାକୁ ଦିଅନ୍ତୁ ନାହିଁ ଏବଂ ସେମାନଙ୍କୁ କୌଣସି ପ୍ରକାରର ବୈଦ୍ୟୁତିକ ଉପକରଣରୁ ଦୂରରେ ରଖନ୍ତୁ ।

## ସଂକ୍ଷିପ୍ତ ଉପଦେଶ

- ଜିଲ୍ଲାରେ ପ୍ରଚଳିତ ବର୍ଷା ଏବଂ ଆଗାମୀ ଦିନରେ ହେବାକୁ ଥିବା ପ୍ରବଳ ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନଙ୍କୁ କୌଣସି ପ୍ରକାରର ବିହନ ବୁଣା/ରୋପଣ/ସିଞ୍ଚନ କାର୍ଯ୍ୟ କରିବା ପାଇଁ କିଛି ଦିନ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ (ଖରିଫ) ଧାନ | ଜମି ପ୍ରସ୍ତୁତି / ବିହନ ବୁଣିବା ଅବସ୍ଥା | • ଯେଉଁ ଚାଷୀଭାଇମାନେ ଏପର୍ଯ୍ୟନ୍ତ ନର୍ସରୀ ପ୍ରସ୍ତୁତି ଆରମ୍ଭ କରିନାହାଁନ୍ତି, ସେମାନେ ପ୍ରଚଳିତ ପ୍ରବଳ ବର୍ଷାର ସ୍ଥିତି ଓ ଆଗକୁ ହେବାକୁ ଥିବା ବର୍ଷାର ଲାଭ ଉଠାଇ ବର୍ଷା ଛାଡ଼ିଲା ପରେ ଧାନର ନର୍ସରୀ ପ୍ରସ୍ତୁତି କାର୍ଯ୍ୟ କରିଦେବା ଉଚିତ ।<br>• ଓଦା ତଳି ଘରା ବା ନର୍ସରୀ ପାଇଁ, ଭଲ ଭାବରେ କାଦୁଅ ହୋଇ ସମତଳ କରାଯାଇଥିବା ମାଟିରେ ପୂର୍ବରୁ ଅଙ୍କୁରିତ ବିହନଗୁଡ଼ିକୁ ଛିଞ୍ଚି ଦିଆଯାଇଥାଏ । ଆଗକୁ କିଛି ସ୍ଥାନରେ ଭାରି ବର୍ଷା ହେବାର ସମ୍ଭାବନାକୁ ଧ୍ୟାନରେ ରଖି ଅତ୍ୟଧିକ ପାଣିକୁ ସଠିକ୍ ଭାବରେ ନିଷ୍କାସନ କରିବା ପାଇଁ ଉଚିତ ବ୍ୟବସ୍ଥା କରାଯିବା ଆବଶ୍ୟକ ।<br>• ଗୋଟେ ଏକର ଜମିରେ ରୋପଣ ପାଇଁ ପ୍ରାୟ ୩୨୦ ବର୍ଗ ମିଟର କ୍ଷେତ୍ରଫଳ ବିଶିଷ୍ଟ ନର୍ସରୀ ତଳି ଘରା ଆବଶ୍ୟକ ହୋଇଥାଏ । ୧୦ ସେମି ଉଚ୍ଚ, ୧.୨ ରୁ ୧.୫ ମିଟର ଚଉଡା ଏବଂ ସୁବିଧାଜନକ ଲମ୍ବ ବିଶିଷ୍ଟ ଓଦା ନର୍ସରୀ ପ୍ରସ୍ତୁତ କରନ୍ତୁ । ଦୁଇଟି ବେଡ୍ ମଧ୍ୟରେ ୩୦ ରୁ ୪୫ ସେମି ଚଉଡାର ଭଲ ଭାବରେ ଜଳସେଚନ/ନିଷ୍କାସନ ପଥ ରଖିବା ଆବଶ୍ୟକ ।<br>• ନର୍ସରୀ ବୁଣା ପାଇଁ ଭଲ ଅମଳ ଦେଉଥିବା କିସମ ପାଇଁ ଏକର ପ୍ରତି ୧୨-୧୬ କିଲୋଗ୍ରାମ ବିହନ ଏବଂ ହାଇବ୍ରିଡ୍ ପାଇଁ ୫-୬ କିଲୋଗ୍ରାମ ବିହନ ବ୍ୟବହାର କରନ୍ତୁ । ପ୍ରତି ୧୦୦ ବର୍ଗ ମିଟର ନର୍ସରୀ ପାଇଁ କମ୍ ଉର୍ବର ଜମିରେ ଜମି ପ୍ରସ୍ତୁତି ସମୟରେ ଓଦା ନର୍ସରୀରେ ନାଇଟ୍ରୋଜେନ୍, ଫସଫରସ୍ ଏବଂ ପଟାସ ସାର ଯଥାକ୍ରମେ ୦.୫-୧.୦ କିଲୋଗ୍ରାମ, ୦.୫ କିଲୋଗ୍ରାମ ଓ ୦.୫ କିଲୋଗ୍ରାମ ପ୍ରୟୋଗ କରନ୍ତୁ । |
| କପା | ବିହନ ବୁଣିବା/ ଅଙ୍ଗିୟ ଅବସ୍ଥା | • କିଛି ଦିନ ପାଇଁ ବିହନ ବୁଣା କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ ।<br>• କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରନ୍ତୁ କାରଣ ଆଗକୁ ଆହୁରି କିଛି ଦିନ ବର୍ଷା ହେବାର ସମ୍ଭାବନା ରହିଅଛି ।<br>• କିଛି ଦିନ ପାଇଁ କୌଣସି ପ୍ରକାରର ସିଞ୍ଚନ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । |
| ମକା | ବୁଣିବା/ ଅଙ୍ଗିୟ ଅବସ୍ଥା | • ଆଗାମୀ ବର୍ଷାକୁ ଦୃଷ୍ଟିରେ ରଖି, ଯେଉଁ ଚାଷୀଭାଇମାନେ ଏପର୍ଯ୍ୟନ୍ତ ମକା ବିହନ ବୁଣା କାର୍ଯ୍ୟ ଆରମ୍ଭ କରିନାହାଁନ୍ତି, ସେମାନଙ୍କୁ ମାଟିରେ ଉପଯୁକ୍ତ ଆର୍ଦ୍ରତା ଥିବା ଅବସ୍ଥାରେ ବୁଣା କାର୍ଯ୍ୟ ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଉଛି । ଆଗାମୀ ଦିନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀମାନେ ବର୍ଷା ପରେ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରି ମକା ବିହନ ବୁଣିବା କାର୍ଯ୍ୟ ଆରମ୍ଭ କରିବା ଉଚିତ ।<br>• ଚାଷୀଭାଇମାନେ କୌଣସି ପ୍ରକାରର ଆନ୍ତଃକୃଷି କାର୍ଯ୍ୟ ଯେପରିକି ଘାସ କାଟିବା, କୋଡା ଖୋସା, ମାଟି ଉଠେଇବା ଇତ୍ୟାଦି କରିବା ପାଇଁ କିଛି ଦିନ ଅପେକ୍ଷା କରିବା ଉଚିତ କାରଣ ଆଗାମୀ ଦିନରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛିଅଛି । |
| ହରଡ଼ | ବୁଣିବା ଅବସ୍ଥା | • ହରଡ଼ରେ ମାଟି ଏବଂ ବିହନ ବାହିତ ରୋଗ ନିୟନ୍ତ୍ରଣ ପାଇଁ, ଫସଲ ବୁଣିବା ପୂର୍ବରୁ ଯେକୌଣସି ଉପଯୁକ୍ତ କବକନାଶକ ସହିତ ବିହନ ବିଶୋଧନ କରିବା ଉଚିତ ଏବଂ ରାଇଜୋବିୟମ୍ କଲଚର @ ୨୦ ଗ୍ରାମ ପ୍ରତି କିଲୋଗ୍ରାମ ବିହନ ସହିତ ଏବଂ ତା'ପରେ ଟ୍ରାଇକୋଡର୍ମା ଭିରିଡେ ୫ ରୁ ୭ ଗ୍ରାମ / କିଲୋଗ୍ରାମ ବିହନ ସହିତ ବୁଣିବାର କିଛି ଘଣ୍ଟା ପୂର୍ବରୁ ବିଶୋଧନ କରିଯିବା ଉଚିତ ।<br>• ଘାସ ପରିଚାଳନା: ବୁଣିବାର ୭୨ ଘଣ୍ଟା ମଧ୍ୟରେ ୧ ଲିଟର ପେଣ୍ଡିମିଥାଲିନ୍ ୩୦% ଇସିକୁ ପ୍ରତି ଏକର ହିସାବରେ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ପ୍ରଚଳିତ ଓ ଆଗାମୀ ପ୍ରବଳ ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀମାନେ ବିହନ ବୁଣା ତଥା ସିଞ୍ଚନ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରନ୍ତୁ । |

| | | |
|---|---|---|
| ବର୍ଷାଦିନିଆ ପନିପରିବା | ନର୍ସରୀ ବେଡ୍ ପ୍ରସ୍ତୁତି / ବୁଣା / ଚାରା ଅବସ୍ଥା / ରୋପଣ | • ଆଗାମୀ ଦିନରେ ପ୍ରବଳ ବର୍ଷା କିମ୍ବା ଘଡ଼ଘଡ଼ି ସହିତ ପ୍ରବଳ ପବନ ବହିବାକୁ ଦୃଷ୍ଟିରେ ରଖି, ଚାଷୀଭାଇମାନଙ୍କୁ ବିହନ ବୁଣିବା, ରୋପଣ କରିବା ଏବଂ ଅନ୍ତଃକୃଷି କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରିବାକୁ ତଥା ପନିପରିବାଗୁଡ଼ିକୁ ତିବ୍ର ବର୍ଷା ଓ ପ୍ରବଳ ପବନର ଗତିରୁ ରକ୍ଷା କରିବା ପାଇଁ ସେମାନଙ୍କୁ ଯାନ୍ତ୍ରିକ ସହାୟତା ପ୍ରଦାନ ଯୋଗାଇବାକୁ ପରାମର୍ଶ ଦିଆଯାଇଅଛି ।<br>• ଆସନ୍ତା ଦିନରେ ହେବାକୁ ଥିବା ବର୍ଷାର ସ୍ଥିତିକୁ ଧ୍ୟାନରେ ରଖି, ଚାଷୀଭାଇମାନେ ଖରିଫ ପନିପରିବା ଫସଲ ପାଇଁ ଉପଯୁକ୍ତ ଜଳ ନିଷ୍କାସନର ସୁବିଧା ସହିତ ନର୍ସରୀ ବେଡ୍ ପ୍ରସ୍ତୁତି ଏବଂ ବର୍ଷା ଛାଡ଼ିଲା ପରେ ସେଥିରେ ବୁଣା କାର୍ଯ୍ୟ ଆରମ୍ଭ କରିଦେବା ଉଚିତ ।<br>• ଠିଆ ଫସଲ କ୍ଷେତରେ ଅତିରିକ୍ତ ବର୍ଷା ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରନ୍ତୁ । |
| ପଶୁ ପାଳନ | • ପ୍ରଚଳିତ ପାଣିପାଗ ଯୋଗୁଁ ଅନେକ ପ୍ରକାରର ସଂକ୍ରାମକ ପଶୁ ରୋଗ ଯେପରିକି ସାହାଣ, ବଜବଜିଆ, ଫାଟୁଆ ଆଦି ରୋଗମାନଙ୍କର ସଂକ୍ରମଣ ଏବଂ ମଶା, ମାଛି ଓ ବିଭିନ୍ନ ଅଣୁଜୀବଙ୍କ ସଂଖ୍ୟା ବୃଦ୍ଧି ପାଇପାରେ, ତେଣୁ ଏହା ପ୍ରତି ସତର୍କ ରୁହନ୍ତୁ ଏବଂ ଯଥାଶୀଘ୍ର ଏହି ରୋଗମାନଙ୍କ ପାଇଁ ଟୀକାକରଣର ବ୍ୟବସ୍ଥା କରନ୍ତୁ ଓ ଆବଶ୍ୟକ ସ୍ଥଳେ କୃମିନାଶକ ଔଷଧର ସେବନ ନିଶ୍ଚୟ କରାନ୍ତୁ ।<br>• ଆଗାମୀ ସପ୍ତାହରେ ଝଡ଼ ଏବଂ ବଜ୍ରପାତ ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ, ଘଡ଼ଘଡ଼ି ଶବ୍ଦ ଶୁଣିବା କିମ୍ବା ବଜ୍ରପାତ ଦେଖାଯିବା ମାତ୍ରେ ଚାଷୀମାନେ ସମସ୍ତ ଗାଈ, ମଇଁଷି ଏବଂ ଛେଳିଙ୍କୁ ସୁରକ୍ଷିତ, ଚାରିପଟୁ ଘୋଡ଼ାହୋଇଥିବା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରନ୍ତୁ । ଧାତୁ ବାଡ଼, ଗଛ କିମ୍ବା ଧାତୁ ବସ୍ତୁ ବାହାରେ କିମ୍ବା ନିକଟରେ ପଶୁମାନଙ୍କୁ ବାନ୍ଧନ୍ତୁ ନାହିଁ । ଆଗାମୀ ପ୍ରବଳ ବର୍ଷା ଯୋଗୁଁ ଗୁହାଳ ଭିତରକୁ ବର୍ଷା ପାଣି ସିଧାସଳଖ ପ୍ରବେଶ ନ କରୁ ତା'ର ଉଚିତ ବ୍ୟବସ୍ଥା କରନ୍ତୁ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପର ବ୍ୟବହାର କରିପାରିବେ।